# NATIONAL NEWS BULLETIN (ODIA)

**6 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆଜି ଦିନକ ପାଇଁ ଲୋକସଭା ମୁଲତବୀ
- ଚାପମୁକ୍ତ ପରୀକ୍ଷା ସହ ସ୍ୱତନ୍ତ୍ର ଶିକ୍ଷଣ ଶୈଳୀ ଗ୍ରହଣ କରିବା ନେଇ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ
- ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରି ରେପୋରେଟ୍ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଲେ ରିଜର୍ଭବ୍ୟାଙ୍କ

ଏବଂ

- ୧୯ ବର୍ଷରୁ କମ୍ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ବିଶ୍ୱକପ୍‌ରେ ଟସ୍ ଜିତି ଇଂଲଣ୍ଡ ବିରୋଧରେ ବ୍ୟାଟିଂ କରୁଛି ଭାରତ

## ଏଲ୍‌ଏସ୍-ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ କ୍ରମାଗତ ହଟ୍ଟଗୋଳ ଯୋଗୁଁ ଲୋକସଭାକୁ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ, ଟିଏମ୍‌ସି ଏବଂ ଡିଏମକେ ସମେତ ଅନ୍ୟ ବିରୋଧୀ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସରକାର

ବିରୋଧୀ ସ୍ଲୋଗାନ ଦେଇଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ପୀଠାସୀନ ଅଧିକାରୀ ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ନ କରି ନିଜ ନିଜ ଆସନକୁ ଫେରିଯିବା ଲାଗି ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା । ହଟ୍ଟଗୋଳ ମଧ୍ୟରେ ବିଭାଗୀୟ ମନ୍ତ୍ରୀମାନେ ସେମାନଙ୍କ ମନ୍ତ୍ରଣାଳୟର ତଥ୍ୟ ଉପସ୍ଥାପନ କରିଥିଲେ । ତେବେ ବାରମ୍ବାର ଆହ୍ୱାନ ସତ୍ତ୍ୱେ ହଟ୍ଟଗୋଳ ନ ଥମିବାରୁ ଆଜି ଦିନକ ପାଇଁ ଗୃହକାର୍ଯ୍ୟକୁ ମୁଲତବୀ ଘୋଷଣା କରାଯାଇଥିଲା ।

ଆଜି ଲୋକସଭାରେ ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନା ହେବାର ଥିଲେ ମଧ୍ଧ ତାହା ସମ୍ଭବ ହୋଇନଥିଲା । ଗୃହର ପରବର୍ତ୍ତୀ ଅଧିବେଶନ ଆସନ୍ତା ସୋମବାର ଦିନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ ।

ପୂର୍ବରୁ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଚେଷ୍ଟା କରିଥିଲେ । କିନ୍ତୁ ବିରୋଧୀଦଳ ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ । ଶ୍ରୀ ବିର୍ଲା କହିଥିଲେ, ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ୧୯ ଘଣ୍ଟାରୁ ଅଧିକ ସମୟ ନଷ୍ଟ ହୋଇଛି ।

**V/O (Birla)**

ରାଜ୍ୟସଭାରେ ଆଜି ଆଲୋଚନାରେ ଭାଗ ନେଇ ରେଳମନ୍ତ୍ରୀ ଅଶ୍ୱିନୀବୈଷ୍ଣବ କହିଛନ୍ତି, ଅମୃତ ଭାରତ ଷ୍ଟେସନ ଯୋଜନାରେ ଦେଶର ୧୭୦ଟି ରେଳ ଷ୍ଟେସନର ଉନ୍ନତୀକରଣ କାର୍ଯ୍ୟ ଶେଷ ହୋଇଛି । ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ବୈଷ୍ଣବ କହିଥିଲେ, ଏହି ଯୋଜନାରେ ୧

ହଜାର ୩ଶହରୁ ଅଧିକ ଷ୍ଟେସନର ଉନ୍ନତୀକରଣ କାର୍ଯ୍ୟ କରିବା ଲାଗି ଚିହ୍ନଟ କରାଯାଇଛି ।

# ପିଏମ୍-ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଜାରି କରାଯାଇଥିବା ଏକ ଭିଡ଼ିଓରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଚାପମୁକ୍ତ ପରୀକ୍ଷା ସଂପର୍କରେ କହିଛନ୍ତି । ଆଜିର ବାର୍ତ୍ତାଳାପରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇ କହିଛନ୍ତି, ସେମାନେ ନିଜର ସ୍ୱତନ୍ତ୍ର ଶିକ୍ଷଣ ଶୈଳୀ ଉପରେ ବିଶ୍ୱାସ ରଖିବା ଉଚିତ । ସେ କହିଛନ୍ତି, ସମସ୍ତଙ୍କ ଚିନ୍ତାଧାରା ଏବଂ ଆଗକୁ ବଢ଼ିବାର ଉପାୟ ଅଲଗା ହୋଇଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଛାତ୍ର ମଧ୍ୟରେ ଏକ ଅଲଗା ଢଙ୍ଗ ରହିଛି । ତେଣୁ ସେ ସେହି ଢଙ୍ଗରେ ପୂର୍ଣ୍ଣ ବିଶ୍ୱାସର ସହ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଉଚିତ । ଶ୍ରୀ ମୋଦୀ କହିଛନ୍ତି, ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀ ବାପମାଆ ଏବଂ ସହପାଠୀମାନଙ୍କ ପ୍ରତ୍ୟେକ ପ୍ରସ୍ତାବକୁ ଧ୍ୟାନ ସହକାରେ ଶୁଣି ତାହାର ଗୂଢ଼ ଅର୍ଥ ବୁଝି ଆବଶ୍ୟକମତେ କାର୍ଯ୍ୟରେ ରୂପାନ୍ତରିତ କରିବା ଉଚିତ । ପ୍ରଧାନମନ୍ତ୍ରୀ ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି କହିଛନ୍ତି, ସେମାନେ ଅନ୍ୟର ଉପଦେଶକୁ ନକଲ ନ କରି ନିଜର ଅଭିଜ୍ଞତା ଏବଂ ବୁଝିବାର ମାତ୍ରା ଅନୁଯାୟୀ ଗ୍ରହଣ କରିବା ଆବଶ୍ୟକ ।

ଶ୍ରୀ ମୋଦୀ କହିଛନ୍ତି, ଯେତେବେଳେ ଛାତ୍ରଛାତ୍ରୀ ପରାମର୍ଶ ଓ ଆତ୍ମବିଶ୍ୱାସକୁ ଏକତ୍ର କରି ଜ୍ଞାନ ଆହରଣ କରନ୍ତି, ସେତେବେଳେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହୋଇଥାଏ ।

ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ’ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପଦେଶ ଦେଇ କହିଛନ୍ତି, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ଶିକ୍ଷା ଗ୍ରହଣର ଗତିକୁ ସେମାନେ ସମ୍ବେଦନଶୀଳତାର ସହ ବିଚାର କରିବା ଆବଶ୍ୟକ । ସେ କହିଛନ୍ତି, ଶିକ୍ଷକଟିଏ ଛାତ୍ରଛାତ୍ରୀଙ୍କଠାରୁ ଅଧିକ ଦୂରକୁ ନ ଯାଇ କେବଳ ଗୋଟିଏ ପାଦ ଆଗରେ ରହିବା ଆବଶ୍ୟକ । ଯାହାଫଳରେ ସେମାନେ ଦେଉଥିବା ପରାମର୍ଶ ଓ ଦିଗ୍‌ଦର୍ଶନକୁ ଛାତ୍ରଛାତ୍ରୀ କାର୍ଯ୍ୟରେ ରୂପାନ୍ତର କରି ଫଳ ହାସଲ କରିପାରିବେ । ଶ୍ରୀ ମୋଦୀ କହିଛନ୍ତି, ଜୀବନର ଲକ୍ଷ୍ୟ ଆକାଂକ୍ଷୀ ହେବା ଉଚିତ । ତେଣୁ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟ ହାସଲ ପାଇଁ ଅଧିକ ବ୍ୟାକୁଳ ନ କରି, ପ୍ରେରଣା ଯୋଗାଇବା ଆବଶ୍ୟକ ।

**V/O (PM on Exam Goals)**

ଶ୍ରୀ ମୋଦୀ ଚାଷକାର୍ଯ୍ୟ ସହ ଶିକ୍ଷାଦାନକୁ ତୁଳନା କରି କହିଛନ୍ତି, ଯେପରି ଜଣେ କୃଷକ ମଞ୍ଜି ବୁଣିବା ପୂର୍ବରୁ ଯତ୍ନ ସହକାରେ ହଳ କରିଥାଏ, ସେହିପରି ଶିକ୍ଷକଟିଏ ଧୈର୍ଯ୍ୟର ସହିତ ଛାତ୍ରଛାତ୍ରୀଙ୍କ ମନୋଭାବକୁ ଶିକ୍ଷଣ ପ୍ରକ୍ରିୟା ଜରିଆରେ ଉତ୍କୃଷ୍ଟ କରିବାର ଆବଶ୍ୟକତା ରହିଛି ।

**V/O (PM on Life Goals)**

ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସଭାବତ୍ ଭେଙ୍କଟେଶ୍ ନାମକ ଜଣେ ଛାତ୍ର ପଚାରିଥିଲେ ଯେ କୌଶଳ ଦକ୍ଷେତା ଏବଂ

ମାର୍କ ମଧ୍ୟରେ କେଉଁଟି ଗୁରୁତ୍ୱପୂର୍ଣ୍ଣ । ଏହାର  ଉତ୍ତରରେ ପ୍ରଧାନମନ୍ତ୍ରୀ କହିଥିଲେ, ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ଉଭୟ ଦକ୍ଷତାପୂର୍ଣ୍ଣ କୌଶଳ ମାର୍କ ମଧ୍ୟରେ ସନ୍ତୁଳନ ରକ୍ଷାକରାଯିବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ କହିଥିଲେ, ଅତ୍ୟଧିକ ଶିକ୍ଷା କଲେ ହୁଏତ ଜଣେ ଅଧିକ ମାର୍କ ରଖିପାରେ, କିମ୍ବା ଦକ୍ଷତାପୂର୍ଣ୍ଣ ହୋଇପାରେ, କିନ୍ତୁ ତାହା ଅସ୍ତୁଳନ ସୃଷ୍ଟି କରିବାର ସମ୍ଭାବନା ରହିଛି । ତେଣୁ ସ୍ଥାୟୀତ୍ୱ ଓ ବିକାଶ ମଧ୍ୟରେ ସନ୍ତୁଳନର ଆବଶ୍ୟକତା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି । ତେବେ ଦକ୍ଷତା ନେଇ ପ୍ରଧାନମନ୍ତ୍ରୀ ଦୁଇଟି ବର୍ଗ ଅର୍ଥାତ୍ ଜୀବନ ଦକ୍ଷତା ଏବଂ ବୃତ୍ତିଗତ ଦକ୍ଷତା ସଂପର୍କରେ କହିଥିଲେ । ଛାତ୍ରଛାତ୍ରୀମାନେ ଉଭୟ କ୍ଷେତ୍ରରେ ପାରଙ୍ଗମ ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ ।

## V/O (PM on Skill)

ସଠିକ୍ ଭାବେ ଅଧ୍ୟୟନ, ପର୍ଯ୍ୟବେକ୍ଷଣ ଏବଂ ଜ୍ଞାନର ଉପଯୋଗ ନ କଲେ, କୌଣସି ଦକ୍ଷତା ହାସଲ କରାଯାଇ ପାରିବ ନାହିଁ ବୋଲି ଶ୍ରୀ ମୋଦୀ କହିଥିଲେ ।

ଚଳିତଥର ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଦିଲ୍ଲୀ ସମେତ କୋଏମ୍ବାଟୁର, ରାୟପୁର, ଦେବମୋଗ୍ରା ଏବଂ ଗୁଆହାଟୀରେ ଅନୁଷ୍ଠିତ ହୋଇଥିଲା । ଚଳିତଥର ଏଥିରେ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ  ମାଇଁ ଗଭ୍ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିଥିଲେ । ଚଳିତ ଥର ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ ଆଜି ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରି ରେପୋରେଟ୍ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି । ଷଷ୍ଠ ତଥା ୨୦୨୫-୨୬ ଆର୍ଥିକବର୍ଷର ଶେଷ ମୁଦ୍ରାନୀତି ଘୋଷଣା କରି ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲ୍‌ହୋତ୍ରା କହିଛନ୍ତି, ମୁଦ୍ରାନୀତି କମିଟି ବୈଠକରେ ସର୍ବସମ୍ମତିକ୍ରମେ ରେପୋରେଟ୍ ଅପରିବର୍ତ୍ତିତ ରଖିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଗତବର୍ଷ ଡିସେମ୍ବରରେ ମୁଦ୍ରାନୀତି କମିଟି ବୈଠକରେ ରିଜର୍ଭ ବ୍ୟାଙ୍କ ୨୫ ବେସିସ୍ ପଏଣ୍ଟରେ ରେପୋରେଟ୍ ହ୍ରାସ କରିଥିଲେ ।

ରିଜର୍ଭ ବ୍ୟାଙ୍କ ୨୦୨୬-୨୭ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକରେ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ଏବଂ ଦ୍ୱିତୀୟ ତ୍ରୈମାସିକ ପାଇଁ ୪ ଦଶମିକ ୨ ପ୍ରତିଶତ ଆକଳନ କରିଛନ୍ତି । ସେହିପରି ପ୍ରଥମ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୬ ଦଶମିକ ୯ ପ୍ରତିଶତ ଓ ଦ୍ୱିତୀୟ ତ୍ରୈମାସିକ ପାଇଁ ୭ ପ୍ରତିଶତ ଆକଳନ କରାଯାଇଛି ।

## ଅଣ୍ଡର ନାଇଣ୍ଟି କ୍ରିକେଟ୍

୧୯ ବର୍ଷରୁ କମ୍ ଏକଦିବସୀୟ ଆନ୍ତର୍ଜାତିକ ବିଶ୍ୱକପ୍‌ରେ ଆଜି ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଭାରତ ବ୍ୟାଟିଂ କରୁଛି ।

ଜିମ୍ବାୱେ ସ୍ଥିତ ହରାରେ ଠାରେ  ଜାରି ରହିଥିବା  ଏହି ମ୍ୟାଚ୍‌ରେ ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଭାରତ ୧୧ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ୮୯ ରନ୍ ସ୍କୋର୍ କରିଛି ।

ସୂଚନାଯୋଗ୍ୟ, ୧୯ ବର୍ଷରୁ କମ୍ ବିଶ୍ୱକପ୍ ଇତିହାସରେ ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଏବଂ ୨୦୨୨ରେ ଟାଇଟଲ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆ ୪ ଥର ଫାଇନାଲ୍‌ରେ ବିଜୟ ହାଇଛି ।

# ପ୍ରଧାନ-ପରୀକ୍ଷା ପେ ଚର୍ଚ୍ଚା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପରୀକ୍ଷା ପେ ଚର୍ଚ୍ଚା ବିଭିନ୍ନ ବୟସ ବର୍ଗର କୋଟିକୋଟି ଶିକ୍ଷାର୍ଥୀଙ୍କୁ ଅନୁପ୍ରାଣିତ କରିଛି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତାଳାପ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି । ଏହାକୁ ଏକ ସ୍ୱତନ୍ତ୍ର ପଦକ୍ଷେପ ଭାବେ ବର୍ଣ୍ଣନା କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଛାତ୍ରଛାତ୍ରୀମାନେ ପ୍ରତ୍ୟେକବର୍ଷ ଏହି କାର୍ଯ୍ୟକ୍ରମକୁ ଅପେକ୍ଷା କରିଥାନ୍ତି ।

କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ, ଅନ୍ନପୂର୍ଣ୍ଣା ଦେବୀ, ଗିରିରାଜ ସିଂ, ଗଜେନ୍ଦ୍ର ସିଂ ଶେଖାୱତ ଏବଂ ଜୟନ୍ତ ଚୌଧୁରୀ ପ୍ରମୁଖ ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣରେ ଉପସ୍ଥିତ ରହିଥିଲେ ।

ବାଂଲାଦେଶର ଢାକାରେ ଭାରତୀୟ  ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା ।